# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
**27th July - 2026**

**********************************

*Puri/R*

# ନୀଳାଦ୍ରିବିଜେ ନୀତି

ଘୋଷଯାତ୍ରାର ଶେଷପର୍ଯ୍ୟାୟରେ ଆଷାଢ଼ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ଶ୍ରୀଜୀଉମାନଙ୍କର ନୀଳାଦ୍ରି ବିଜେ ନୀତି ଆଜି ଅନୁଷ୍ଠିତ ହେଉଛି । ସକାଳୁ ୩ ରଥରେ ମଙ୍ଗଳ ଆଳତି ନୀତି ଶେଷ କରାଯିବା ସହ ଅନ୍ୟାନ୍ୟ ଦୈନନ୍ଦିନ ନୀତି କରାଯାଇ ସନ୍ଧ୍ୟା ଧୂପ ନୀତି ଶେଷ ହେବ । ଏହାପରେ ଚାରମାଳ ବନ୍ଧାଯିବା ସହ ବନ୍ଦାପନା ଓ ଡେରିଲାଗି ହେବ । ଗୋଟି ପହଣ୍ଡିରେ ପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ଦକ୍ଷିଣ ଘରକୁ ବିଜେ କରାଯିବ । ଏହାପରେ  ଗୋଟି ପହଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଗମ୍ଭୀରାକୁ ବିଜେ କରାଯିବ ।

ଶ୍ରୀମନ୍ଦିରରେ ପ୍ରବେଶ ପୂର୍ବରୁ ମହାପ୍ରଭୁ ମା' ଲକ୍ଷ୍ମୀଙ୍କୁ ରସଗୋଲା ସହ ପାଟବସ୍ତ୍ର ଦେଇ ମାନଭଞ୍ଜନ କରିବାର ପରମ୍ପରା ରହିଛି ।

*Kendrapara/R*

# କେନ୍ଦ୍ରାପଡ଼ା ନୀଳାଦ୍ରି ବିଜେ

ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ଶ୍ରୀବଳଦେବଜିଉଙ୍କ ନୀଳାଦ୍ରି ବିଜେ ନୀତି ଗତକାଲି ଅନୁଷ୍ଠିତ ହୋଇଛି । ରଥ ଉପରେ ଠାକୁରଙ୍କ ଅଥରପଣା ଏବଂ

ଚାହାଣି ମଣ୍ଡପରେ ମହାଲକ୍ଷ୍ମୀ ଏବଂ ପ୍ରଭୁ ଜଗନ୍ନାଥଙ୍କ ଭେଟ' ପରମ୍ପରା ଅନୁଯାୟୀ ପାଳନ କରାଯାଇଛି । ବିଜେ ପାଣିଗ୍ରାହୀ ଦଇତା ସେବାୟତ ଧାଡ଼ି ପହଣ୍ଡିରେ ଠାକୁରଙ୍କୁ ରତ୍ନ ସିଂହାସନ ଉପରେ ବିଜେ କରାଇଛନ୍ତି ।

***Desk***

# ପରୀକ୍ଷା ପରିଚାଳନା ସଂସ୍କାର

ପରୀକ୍ଷା ପରିଚାଳନାରେ ସଂସ୍କାର ଲକ୍ଷ୍ୟ ନେଇ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରାଯାଇଛି । ଏକ ଭିଡ଼ିଓ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏସମ୍ପର୍କରେ ସୂଚନା ପ୍ରଦାନ କରି କହିଛନ୍ତି, ବିଶିଷ୍ଟ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞ ନନ୍ଦନ ନିଲେକାନିଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠିତ ହୋଇଛି । ପରୀକ୍ଷା ପ୍ରକ୍ରିୟାକୁ ସୁରକ୍ଷିତ, ସ୍ୱଚ୍ଛ, ବିଶ୍ୱସନୀୟ ଏବଂ ପ୍ରଶ୍ନପତ୍ର ପ୍ରଘଟ ରୋକିବା ନେଇ କମିଟି ତର୍ଜମା କରିବା ସହ ସରକାରଙ୍କୁ ତାଙ୍କର ସୁପାରିସ ପ୍ରଦାନ କରିବେ । ଏହାର ଆଧାରରେ ସରକାର ପରୀକ୍ଷା ପରିଚାଳନା ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । କମିଟିରେ ଅନ୍ୟ ୫ ଜଣ ସଦସ୍ୟ ରହିଛନ୍ତି ।

***Desk***

# ଲୋକସଭା

ଲୋକସଭାରେ ଆଜି ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ଉପାୟ ନିବାରଣ) ସଂଶୋଧନ ବିଲ୍-୨୦୨୬ ଆଗତ କରାଯିବ । ନୂତନ ବିଲ୍‌ରେ ୨୦୨୪

ଆଇନରେ ସଂଶୋଧନ ପ୍ରସ୍ତାବ ରହିଛି । କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଗୃହରେ ବିଲ୍‌କୁ ଆଗତ କରିବେ । ପ୍ରଶ୍ନପତ୍ର ପ୍ରଘଟ ଏବଂ ପରୀକ୍ଷା ପରିଚାଳନାରେ ଅନିୟମିତତା ମାମଲାରେ କଠୋର ଦଣ୍ଡବିଧାନକୁ ସୁନିଶ୍ଚିତ କରିବା ଏବଂ ଫାଷ୍ଟ୍‌ଟ୍ରାକ୍ କୋର୍ଟ ସ୍ଥାପନ ସଂକ୍ରାନ୍ତ ଚିଠା ପ୍ରସ୍ତାବକୁ ଗତ ଶୁକ୍ରବାର ଦିନ କେନ୍ଦ୍ର କ୍ୟାବିନେଟ୍ ମଂଜୁରୀ ପ୍ରଦାନ କରିଥିଲା ।

***Desk***

# ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏଥିପାଇଁ ପଞ୍ଜୀକରଣ କରିଥିବା ଆଗ୍ରହୀ ବ୍ୟକ୍ତି ପଞ୍ଜିକୃତ ପ୍ରାପ୍ତିସ୍ୱୀକାର ପତ୍ର ସହ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହି ନିଜ ଅଭିଯୋଗ ଜଣାଇପାରିବେ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି ।

***Desk***

# ଯୁକ୍ତ ତିନି ପାଠପଢ଼ା

ରାଜ୍ୟର ମହାବିଦ୍ୟାଳୟଗୁଡ଼ିକରେ ଆଜିଠାରୁ ଯୁକ୍ତ ତିନି ପ୍ରଥମ ବର୍ଷ ନିୟମିତ ପାଠପଢ଼ା ଆରମ୍ଭ ହେଉଛି । ଚଳିତ ଶିକ୍ଷାବର୍ଷରେ ରାଜ୍ୟରେ ୧ ହଜାର ୫୫ଟି ମହାବିଦ୍ୟାଳୟରେ ୨ ଲକ୍ଷ ୮୭ ହଜାର ଯୁକ୍ତ ତିନି ସିଟ୍

ଉପଲବ୍ଧ ରହିଛି । ସେଥିମଧ୍ୟରୁ ଏପର୍ଯ୍ୟନ୍ତ ୨ ଲକ୍ଷ ୩୭ ହଜାର ୨ ଶହ ଛାତ୍ରଛାତ୍ରୀ ନାମଲେଖାପାଇଁ ଆବେଦନ କରିଛନ୍ତି ।

***Baragarh/R***

## ପରଲୋକ

ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ଗତକାଲି ବିଳମ୍ବିତ ରାତିରେ ପରଲୋକ ହୋଇଛି । ଦୀର୍ଘଦିନ ଧରି ସେ ଭୁବନେଶ୍ୱରଠାରେ ଚିକିତ୍ସାଧୀନ ଥିଲେ । ବରଗଡ଼ ଜିଲ୍ଲା ଭଟ୍ଲି ନିର୍ବାଚନ ମଣ୍ଡଳରୁ ବି.ଜେ.ଡି. ପକ୍ଷରୁ ଏକାଧିକ ଥର ସେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।

***Bolangir/R***

## ସାଂସଦ – ବଲାଙ୍ଗିର

ସାଂସଦ ମନମୋହନ ସାମଲ ଦିନିକିଆ ବଲାଙ୍ଗିର ଜିଲ୍ଲା ଗସ୍ତରେ ଯାଇ କେତେକ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଟିଟିଲାଗଡ଼ଠାରେ ଏକ ର୍ୟାଲିରେ ଅଂଶଗ୍ରହଣ କରିବା ସହ ସେଠାରେ ନବନିର୍ମିତ ନଗର କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି । ପରେ ଦଳୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା ବୈଠକରେ ଯୋଗ ଦେଇଥିଲେ ।

*Malkangiri/R*

## ଶାନ୍ତିକମିଟି ବୈଠକ

ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ଶାନ୍ତିକମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଧାୟକ ନରସିଂହ ମାଡ଼କାମୀ ଯୋଗଦେଇ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ପରସ୍ପର ମଧ୍ୟରେ ସଂହତି ରକ୍ଷା ଉପରେ ଆହ୍ୱାନ ଦେଇଛନ୍ତି ।

*Bhadrak/R*

## ଚାରୋରୋପଣ

ଭଦ୍ରକ ଜିଲ୍ଲା ଚାନ୍ଦବାଲି ଉପକଣ୍ଠ ପାଞ୍ଚପଡ଼ା ଶିବଦୁର୍ଗା ସରକାରୀ ହାଇସ୍କୁଲ୍ ପରିସରରେ ପରିବେଶ ସୁରକ୍ଷା ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

*Desk*

## ରାଜ୍ୟଗୋଷ୍ଠୀ କ୍ରୀଡ଼ା

ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତାରେ ଭାରତ ପ୍ରଥମ ସ୍ୱର୍ଣ୍ଣପଦକ ହାସଲ କରିଛି । ୪୮ କିଲୋଗ୍ରାମ ମହିଳା ଭାରୋତ୍ତୋଳନ ବର୍ଗରେ

ମୀରାବାଈ ଚାନୁ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ମୋଟ୍ ୧୯୦ କିଲୋଗ୍ରାମ୍ ଭାରୋତ୍ତୋଳନ କରି ୪ଟି ରାଜ୍ୟଗୋଷ୍ଠୀ କ୍ରୀଡ଼ା ରେକର୍ଡ଼ ପ୍ରତିଷ୍ଠା କରିବା ସହ ଏହି ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

***Desk***

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଅବପାତ ରୂପ ନେଇଛି । ଏହା ଆହୁରି ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହେବା ନେଇ ସମ୍ଭାବନା ରହିଛି । ଅବପାତ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାନେଇ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ୨୭ଟି ଜିଲ୍ଲାରେ ବିଜୁଳି ଓ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି ।

*****